**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**22 September– 2026**

# ବିଧାନସଭା ଅଧିବେଶନ

ରାଜ୍ୟ ବିଧାନସଭାର ସପ୍ତମ ଅଧିବେଶନ ଆଜିଠାରୁ ଆରମ୍ଭ ହେବ । ଆସନ୍ତାମାସ ୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଅଧିବେଶନରେ ୮ଟି ସରକାରୀ ଓ ଗୋଟିଏ ବେସରକାରୀ ମୋଟ୍ ୯ଟି କାର୍ଯ୍ୟଦିବସ ରହିଛି । ଅଧିବେଶନକୁ ସୂଚାରୁରୂପେ ସମ୍ପାଦନ କରିବା ନେଇ ବାଚସ୍ପତି ସୁରମା ପାଢ଼ିଙ୍କ ଅଧ୍ୟକ୍ଷତାରେ ଗତକାଲି ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି ।

# ଶିକ୍ଷକ-କମିଟି ରିପୋର୍ଟ ପ୍ରଦାନ

ରାଜ୍ୟର ପ୍ରାଥମିକ, ଉଚ୍ଚପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଗଠିତ କମିଟି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ରିପୋର୍ଟ ପ୍ରଦାନ କରିଛି । ଭୁବନେଶ୍ୱର ଲୋକସେବା ଭବନରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ରିପୋର୍ଟ ପ୍ରଦାନ କରାଯିବା ପରେ କମିଟିର ସୁପାରିଶ ଗୁଡ଼ିକ ଉପରେ ଅନୁଧ୍ୟାନ କରାଯାଇ ନିଷ୍ପତ୍ତି ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଗତବର୍ଷ ଡିସେମ୍ବର ୬ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ

ଏହି କମିଟି ଗଠିତ ହୋଇଥିଲା ଏବଂ ଚଳିତବର୍ଷ ଫେବୃୟାରୀ ୩ ତାରିଖରେ ଏହାର ପୁର୍ନଗଠନ କରାଯାଇଥିଲା ।

# ଅନୁ ଗର୍ଗ-ବୈଠକ

ରାଜ୍ୟରେ ବିଶେଷକରି ଦକ୍ଷିଣାଞ୍ଚଳ ଜିଲ୍ଲା ଗୁଡ଼ିକରେ ସମ୍ଭାବ୍ୟ ବର୍ଷା ସ୍ଥିତିର ମୁକାବିଲା ନେଇ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ହୋଇଯାଇଛି । ଭୁବନେଶ୍ୱରରେ ଆୟୋଜିତ ବୈଠକରେ ଲଗାଣ ବର୍ଷା ଯୋଗୁଁ ପ୍ରଭାବିତ ହେବାକୁ ଥିବା ୧୧ଟି ଜିଲ୍ଲାର ଜିଲ୍ଲାପାଳଙ୍କୁ ଆବଶ୍ୟକ ପ୍ରସ୍ତୁତି ଓ ସତର୍କତା ମୂଳକ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି ।

# ବର୍ଷା-ସତର୍କ

ସମ୍ଭାବ୍ୟ ବର୍ଷା ଓ ପରବର୍ତ୍ତୀ ପରିସ୍ଥିତିର ମୁକାବିଲା ପାଇଁ ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକୁ ସତର୍କ ରହିବା ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ବିଶେଷକରି ବନ୍ୟା, ଜଳବନ୍ଦୀ ଓ ବର୍ଷାଜନିତ ସମସ୍ୟାର ମୁକାବିଲା ପାଇଁ ତ୍ୱରିତ କାର୍ଯ୍ୟଦଳ ଗୁଡ଼ିକୁ ସଜାଗ ରଖିବା, ତଳିଆ ଓ ଜଳବନ୍ଦୀପ୍ରବଣ ଅଞ୍ଚଳରେ ନିରନ୍ତର ନିରୀକ୍ଷଣ ଓ ଆଶ୍ରୟସ୍ଥଳୀ ଗୁଡ଼ିକୁ ପ୍ରସ୍ତୁତ ରଖିବା ସହ ତଳିଆ ଅଞ୍ଚଳରୁ ନିରାପଦ ସ୍ଥାନାନ୍ତରଣ ପାଇଁ ଆବଶ୍ୟକ ବ୍ୟବସ୍ଥା କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି ।

# ପାଣିପାଗ-ବର୍ଷା

ପୂର୍ବ କେନ୍ଦ୍ରୀୟ ବଙ୍ଗୋପ ସାଗରରେ ଥିବା ଲଘୁଚାପ ଆହୁରି ଘନିଭୂତ ହୋଇ ସୁଦୃଶ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି । ଏହା ପଶ୍ଚିମ-ଉତ୍ତର ପଶ୍ଚିମ ଦିଗକୁ ଗତିକରିବା ସହ ଆଜିସୁଦ୍ଧା ଅବପାତରେ ପରିଣତ ହୋଇ ଆସନ୍ତାକାଲି ସୁଦ୍ଧା ଗଭୀର ଅବପାତରେ ପରିଣତ ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ଗଭୀର ଅବପାତ ଆସନ୍ତାକାଲି ସୁଦ୍ଧା ଓଡ଼ିଶା ଏବଂ ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ନିକଟରେ ପହଞ୍ଚିବାର ସମ୍ଭାବନା ରହିଛି । ଆସନ୍ତା ୨୪ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ଅତିପ୍ରବଳ ବର୍ଷା ହେବା ନେଇ ୧୩ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଏ ସମ୍ପର୍କରେ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶକ ଡକ୍ଟର ମନୋରମା ମହାନ୍ତି କହିଛନ୍ତି...

**V/O**

ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ଜିଲ୍ଲାରେ ଆଜିଠାରୁ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ଓ ଜଗତ୍‌ସିଂହପୁର ଜିଲ୍ଲାରେ ଆଜି ପାଇଁ ସମସ୍ତ ସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ରଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି । ମାଲକାନଗିରି, ପୁରୀ ଏବଂ କୋରାପୁଟ ଜିଲ୍ଲାରେ ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି । ଗଞ୍ଜାମ ଜିଲ୍ଲାର ଗୋପାଳପୁର ବେଳାଭୂମି ଆସନ୍ତା ୨ ଦିନ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

## ରାଷ୍ଟ୍ରପତି-ଚଳଚ୍ଚିତ୍ର ପୁରସ୍କାର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ସନ୍ଧ୍ୟାରେ ୭୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରିବେ । ଗୁଜରାଟର ଏକତା ନଗରଠାରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗରେ ଶ୍ରେଷ୍ଠତା ପ୍ରତିପାଦନ କରିଥିବା ବ୍ୟକ୍ତିବିଶେଷ, ସିନେମା ଏବଂ ବୈଷୟିକ କ୍ଷେତ୍ରରେ ପୁରସ୍କାର ପ୍ରଦାନ କରାଯିବ ।

## ପଦ୍ମ ଏକାଦଶୀ

ପୁରୀ ଶ୍ରୀମନ୍ଦିରରେ ଆଜି ଭାଦ୍ରବ ମାସ ଶୁକ୍ଳପକ୍ଷ ଏକାଦଶୀ ତିଥିରେ ପଦ୍ମ ଏକାଦଶୀ ପାଳନ କରାଯିବ । ମାନ୍ୟତା ଅନୁଯାୟୀ ଭଗବାନ ବିଷ୍ଣୁ ଏହି ଦିନ ଯୋଗ ନିଦ୍ରାରେ ରହି ନିଜର ପାର୍ଶ୍ୱ ପରିବର୍ତ୍ତନ କରିଥିଲେ । ଭୋଗମଣ୍ଡପ ନୀତି ଶେଷ ହେବା ପରେ ରିତିନୀତି ଅନୁଯାୟୀ ଠାକୁରଙ୍କ ମହାସ୍ନାନ ହୋଇ ନୂଆ ବସ୍ତ୍ର ଲାଗି କରାଯିବ। ଏକାଦଶୀ ଭୋଗ ଏବଂ ବନ୍ଧାପନା ପରେ ଶ୍ରୀ ମଦନମୋହନଙ୍କୁ ଦକ୍ଷିଣ ଘରକୁ ବିଜେ କରାଯିବାର ପରମ୍ପରା ରହିଛି । ଆଜି ଶ୍ରୀମନ୍ଦିରରେ ୨ଥର ବଡସିଂହାର ବେଶ ଓ ଭୋଗ କରାଯିବ ବୋଲି ଜଣାପଡିଛି ।

## ସହିଦ ଦିବସ

ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ସହିଦନଗରଠାରେ ଲୁଣିଆ ଗୁଳିକାଣ୍ଡର ୮୪ତମ ସହିଦ ଦିବସ ଆଜି ପାଳିତ ହେଉଛି । ସେଠାରେ ପୁଲିସ ପକ୍ଷରୁ

ସହିଦଙ୍କ ପ୍ରତି ତୋପସଲାମୀ ସହ ବିଭିନ୍ନ ବର୍ଗର ଜନସାଧାରଣ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ।

## ଗଣ୍ଡା ଦିବସ

ଗଣ୍ଡାମାନଙ୍କ ସୁରକ୍ଷାକୁ ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ଗଣ୍ଡା ଦିବସ ପାଳନ କରାଯାଉଛି । ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି ଗଣ୍ଡାମାନଙ୍କ ପାଇଁ ଏକ ସୁରକ୍ଷିତ ଭବିଷ୍ୟତ ନିର୍ମାଣ । ବିଶ୍ୱରେ ଥିବା ୫ ପ୍ରଜାତିର ଗଣ୍ଡାଙ୍କ ସୁରକ୍ଷା ଲାଗି ବିଭିନ୍ନ ସ୍ତରରେ ପଦକ୍ଷେପ ଗ୍ରହଣ କରାଯାଉଛି । ୨୦୧୦ ମସିହାରେ ଦକ୍ଷିଣ ଆଫ୍ରିକାର ବିଶ୍ୱ ବନ୍ୟଜନ୍ତୁ ଫଣ୍ଡ ଦ୍ୱାରା ପ୍ରଥମେ ଗଣ୍ଡା ଦିବସ ପାଳନ କରାଯାଇଥିଲା । ୨୦୧୧ ମସିହାଠାରୁ ଆନ୍ତର୍ଜାତିକ ସ୍ତରରେ ଏହି ଦିବସ ପାଳନ କରାଯାଉଛି । ଦେଶରେ ଏବେ ୪ହଜାରରୁ ଅଧିକ ଗଣ୍ଡା ରହିଥିବାବେଳେ ମୁଖ୍ୟତଃ ଆସାମର କାଜିରଙ୍ଗା ଓ ଓରାଙ୍ଗ ଜାତୀୟ ପାର୍କରେ ଅଧିକ ସଂଖ୍ୟାରେ ଗଣ୍ଡା ଦେଖାଯାନ୍ତି ।

## ଏସୀୟ କ୍ରୀଡ଼ା

ଜାପାନଠାର ଚାଲିଥିବା ଏସୀୟ କ୍ରୀଡ଼ାରେ ଭାରତକୁ ଗତକାଲି ୪ଟି ପଦକ ମିଳିଛି । ଏଥିରେ ଗୁଳିଚାଳନାରେ ୨ଟି ରୌପ୍ୟ ଏବଂ ଗୋଟିଏ କାଂସ୍ୟ ପଦକ ମିଳିଛି । ଏଥିସହ ପ୍ରଥମଥରପାଇଁ ସାମିଲ ହୋଇଥିବା ମିକ୍ସଡ ମାର୍ଶଲ ଆର୍ଟ୍ସରେ ଗୋଟିଏ କାଂସ୍ୟ ପଦକ ମିଳିଛି ।